# NATIONAL NEWS BULLETIN (ODIA)
## 7 December - 2024
### Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ରାଷ୍ଟ୍ରପତି
- ବାପ୍‌ସ ସ୍ୱେଚ୍ଛାସେବୀମାନଙ୍କ ସ୍ୱର୍ଣ୍ଣଜୟନ୍ତୀ ସମାରୋହରେ ଆଜି ସନ୍ଧ୍ୟାରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।
- ଦେଶବ୍ୟାପୀ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ଟି ନବୋଦୟ ବିଦ୍ୟାଳୟ ଖୋଲିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ।
- ଯକ୍ଷ୍ମାରୋଗର ମୂଳୋତ୍ପାଟନ ଉଦ୍ଦେଶ୍ୟରେ ଆଜି ପଞ୍ଚକୁଲାଠାରେ ଶହେଦିନ ବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଏବଂ

- ଜୁନିଅର ମହିଳା ହକି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଓମାନ୍‌ର ମସ୍କାଟ୍ ଠାରେ ଆରମ୍ଭ ହେଉଛି

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମୟୂରଭଞ୍ଜ ଜିଲ୍ଲାରେ ୬ ହଜାର ୪ଶହ କୋଟିରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ମୟୂରଭଞ୍ଜ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା- ଚାକୁଲିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହିତ ସେ ରାଇରଙ୍ଗପୁରଠାରେ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦଣ୍ଡାବୋଷ ଏୟାରଷ୍ଟ୍ରିପ୍ ଏବଂ ଉପମଣ୍ଡଳୀୟ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ବାପ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ  ବୋଚା ସନ୍ନ୍ୟାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା-ବାପ୍ସ ସ୍ୱେଚ୍ଛାସେବୀମାନଙ୍କର ସ୍ୱର୍ଣ୍ଣଜୟନ୍ତୀ ସମାରୋହରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ବୋଧନ ଦେବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଆଜି ସନ୍ଧ୍ୟାରେ ଅହମ୍ମଦାବାଦସ୍ଥିତ ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ଉପସ୍ଥିତ ରହିବେ । ବିଶ୍ୱବ୍ୟାପୀ ୩୦ଟି ଦେଶର

୧ଲକ୍ଷରୁ ଉର୍ଦ୍ଧ୍ୱ ବାପ୍‌ସ ସ୍ୱେଚ୍ଛାସେବୀ ଏହି ସମାରୋହରେ ଅଂଶ ଗ୍ରହଣ କରିବେ । ଏହି ସ୍ୱେଚ୍ଛାସେବୀମାନଙ୍କର ବିଭିନ୍ନ କ୍ଷେତ୍ରରେ ଅବଦାନ ଏବଂ ତ୍ୟାଗ ସଂପର୍କରେ ଉତ୍ସବରେ ଉପସ୍ଥାପନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଦିନିକିଆ ଗସ୍ତରେ ଗୁଜରାଟ ଯିବେ । ପୂର୍ବାହ୍ନରେ ଶ୍ରୀ ଶାହା ଅହମ୍ମଦାବାଦଠାରେ ଗ୍ଲୋବାଲ୍ ହସ୍ପିଟାଲର ଉଦ୍‌ଘାଟନ କରିବା ପରେ ଗୁଜରାଟ ଲୋକସେବା ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଯୋଗଦେବେ । ସନ୍ଧ୍ୟାରେ ଶ୍ରୀ ଶାହା ଅହମ୍ମଦାବାଦଠାରେ ଆୟୋଜିତ ହେବାକୁ ଥିବା ବାପ୍‌ସ ସ୍ୱର୍ଣ୍ଣଜୟନ୍ତୀ ସମାରୋହରେ ମଧ୍ୟ ଅଂଶ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

## କ୍ୟାବିନେଟ୍- ବୈଷ୍ଣବ

ଦେଶବ୍ୟାପୀ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ଲାଗି କେନ୍ଦ୍ର କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛନ୍ତି । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍ ବୈଠକ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି କର୍ଣ୍ଣାଟକର ଶିଭାମୋଗାଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଏଥିସହିତ ସଂପ୍ରସାରଣ କରାଯିବ । ଏଥିଲାଗି ପ୍ରାୟ ୫ ହଜାର ୮୭୨

କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ଦ୍ୱାରା ଦେଶବ୍ୟାପୀ ପ୍ରାୟ ୮୨ ହଜାର ୫୬୦ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରାଯାଇ ପାରିବ । ଏହିସବୁ ବିଦ୍ୟାଳୟରେ ୫ ହଜାର ୩୮୮ଟି ନିୟମିତ ପଦବୀ ମଧ୍ୟ  ପୂରଣ କରାଯିବ । ବର୍ତ୍ତମାନ ମସ୍କୋ, କାଠମାଣ୍ଡୁ ଓ ତେହେରାନରେ ଗୋଟିଏ ଲେଖାଏଁ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ମୋଟ୍ ୧ ହଜାର ୨୫୬ଟି ଏହି ବିଦ୍ୟାଳୟ କାର୍ଯ୍ୟ କରୁଛି । ଏଥିରେ ମୋଟ୍ ୧୩ଲକ୍ଷ ୫୬ ହଜାର ବିଦ୍ୟାର୍ଥୀ ପାଠ ପଢୁଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସଂପର୍କରେ ସୂଚନା ଦେଇ ସେ କହିଛନ୍ତି, ଦେଶର ଯେଉଁସବୁ ଜିଲ୍ଲାରେ ନବୋଦୟ ବିଦ୍ୟାଳୟ ନାହିଁ, ସେଠାରେ ୨୮ଟି ନୂତନ ବିଦ୍ୟାଳୟ ଖୋଲାଯିବ । ଏହି ୨୮ଟି ନୂତନ ନବୋଦୟ ବିଦ୍ୟାଳୟ  ପ୍ରତିଷ୍ଠା ଲାଗି ୨ ହଜାର ୩ଶହ ଅଣଷଠୀ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଦ୍ୱାରା ୧୫ ହଜାର ୬୮୦ ଶିକ୍ଷାର୍ଥୀ ଉପକୃତ ହେବେ ଏବଂ  ସେଠାରେ ୧ ହଜାର ୩୧୬ଟି ନିୟମିତ ପଦବୀ ମଧ୍ୟ ପୂରଣ କରାଯିବ । ବର୍ତ୍ତମାନ ଦେଶବ୍ୟାପୀ ମୋଟ୍ ୬୬୧ଟି ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ମଂଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୬୫୩ଟି କାର୍ଯ୍ର କରୁଛି । ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ଗୁଡ଼ିକୁ ପି.ଏମ୍.ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।  ଏହା ଦ୍ୱାରା ଜାତୀୟ ଶିକ୍ଷାନୀତି-

୨୦୨୦ର ସଫଳ କାର୍ଯ୍ୟକାରିତା ସହ ଦୃଷ୍ଟାନ୍ତମୂଳକ ବିଦ୍ୟାଳୟ ଭାବେ ପ୍ରତିପାଦିତ ହୋଇପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅଶ୍ୱିନୀବୈଷ୍ଣବ- କଟକ ରେଳ ଷ୍ଟେସନ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କଟକ ରେଳ ଷ୍ଟେସନର ନବନିର୍ମିତ ପୂର୍ବପାର୍ଶ୍ୱ ଷ୍ଟେସନ ଭବନର ଉଦ୍‌ଘାଟନ କରିବେ । ଏହା ଦ୍ୱାରା ଜାତୀୟ ରାଜପଥ ପାର୍ଶ୍ୱରୁ ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତ୍ରା ସୁବିଧାଜନକ ହେବା ସହିତ ନିରାପତ୍ତାକୁ ବହୁଗୁଣିତ କରିବ । ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ  ସହିତ ବିଶ୍ୱସ୍ତରୀୟ ରେଳ ନେଟଓ୍ୱର୍କ ନିର୍ମାଣ , ପୂର୍ବାଞ୍ଚଳର ବିକାଶ ଓ ଢ଼ାଞ୍ଚାମୂଳକ ଭିତ୍ତିଭୂମି ସୁଦୃଢ଼ କରିବାର ଦିଗରେ  କେନ୍ଦ୍ର ସରକାରଙ୍କ  ପ୍ରତିବଦ୍ଧତା ଏହା ଦ୍ୱାରା ପ୍ରତିଫଳିତ ହେଉଛି ।

## ନଡ୍ଡା-ଟି.ବି.

ଦେଶରେ ଯକ୍ଷ୍ମାରୋଗର ନିୟନ୍ତ୍ରଣ ଏବଂ ମୃତ୍ୟୁହାର ରୋକିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ହରିଆଣାର ପଞ୍ଚକୁଲାଠାରେ ଶହେଦିନ ବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରିବେ । ଏହି ଅଭିଯାନ ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୪୭ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ୨୦୧୮ ମସିହାରେ ଦିଲ୍ଲୀରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ଟି.ବି. ମୁକ୍ତ ଭାରତର ଅଂଶ ସ୍ୱରୂପ ଏହି ଅଭିଯାନ ଆରମ୍ଭ କରାଯାଉଛି ।

୨୦୧୮ ମସିହା ପରଠାରୁ ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ରୋଗର ଚିହ୍ନଟ, ଉପଚାର ଓ ନିରାକରଣ ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜିର ଏହି ସମାରୋହରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ଏବଂ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଆରତୀ ସିଂ ରାଓ ମଧ୍ୟ ଉପସ୍ଥିତ ରହିବେ ।

## ଜୟଶଙ୍କର-ଦୋହା

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି କାତାରଠାରେ ଦୋହା ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀର ଚଳିତ ୨୨ତମ ସଂସ୍କରଣର ବିଷୟବସ୍ତୁ ରହିଛି **ଅଭିନବତା ଅନିବାର୍ଯ୍ୟ ।** ଆସନ୍ତାକାଲି ଡକ୍ଟର ଜୟଶଙ୍କର ବାହାରିନ୍ ଠାରେ ତାଙ୍କର ସେଠାକାର ପ୍ରତିପକ୍ଷ ଡକ୍ଟର ଅବଦୁଲ୍ଲାତିଫ୍ ବିନ୍ ରସିଦ୍ ଅଲ୍ ଜାୟାନିଙ୍କ ସହିତ ଭାରତ-ବାହାରିନ୍ ଉଚ୍ଚ ଯୁଗ୍ମ ଆୟୋଗର ଚତୁର୍ଥ ସମ୍ମିଳନୀରେ ସହ- ଅଧ୍ୟକ୍ଷତା କରିବେ । ବୈଠକରେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ବହୁବିଧ କ୍ଷେତ୍ରରେ ସଂପର୍କକୁ ଅଧିକ ସଶକ୍ତ କରିବା ଲାଗି ଆଲୋଚନା କରାଯିବ । ଏହା ପରେ ଆସନ୍ତାକାଲି ଡକ୍ଟର ଜୟଶଙ୍କର ବିଂଶତମ **I.I.S.S.** ମାନମା ବୈଠକରେ ଅଂଶଗ୍ରହଣ କରିବେ । ବୈଠକର ଚଳିତବର୍ଷର ବିଷୟବସ୍ତୁ ରହିଛି **ମଧ୍ୟପ୍ରାଚ୍ୟ ନେତୃତ୍ୱରେ ଆଞ୍ଚଳିକ ସମୃଦ୍ଧି ଓ ନିରାପତ୍ତାକୁ ସୁସଂହତ କରିବା ।**

# ଇଣ୍ଡିଆ ସିଏନ୍‌ଡି

ମିଳିତ ଜାତିସଂଘର ନିଶା ଔଷଧ ଆୟୋଗ **C.N.D.**ର ୬୮ତମ ଅଧିବେଶନର ଅଧ୍ୟକ୍ଷ ରୂପେ ଭାରତ ମନୋନୀତ ହୋଇଛି । ମିଳିତ ଜାତିସଂଘର ଭିନା ଠାରେ ଭାରତର ସ୍ଥାୟୀ ପ୍ରତିନିଧି ଶମ୍ଭୁ କୁମାରନ୍ ବିଧିବଦ୍ଧ ଭାବେ ଗତକାଲି ଏହାର ଅଧ୍ୟକ୍ଷ ପଦ ଗ୍ରହଣ କରିଛନ୍ତି । ଔଷଧ ସଂପର୍କିତ ପ୍ରସଙ୍ଗରେ **C.N.D.**ହେଉଛି ମିଳିତ ଜାତିସଂଘର ମୁଖ୍ୟ ନୀତି ପ୍ରଣୟନକାରୀ ସଂସ୍ଥା । ବିଶ୍ୱବ୍ୟାପୀ ହେଉଥିବା ଔଷଧ କାରବାର ଓ ଏହାର ପ୍ରସ୍ତୁତି ସଂପର୍କିତ ସୂତ୍ର ସମେତ ଅନ୍ୟାନ୍ୟ ପ୍ରସଙ୍ଗ **C.N.D.**ମାଧ୍ୟମରେ ନିୟନ୍ତ୍ରିତ ହୋଇଥାଏ । ଭାରତ ବିଶ୍ୱସ୍ତରରେ ନେତୃତ୍ୱ ନେବାର ଭୂମିକା ଏହା ଦ୍ୱାରା ପ୍ରତିଫଳିତ ହେଉଛି ।

# ମହା-ବିଧାନସଭା

ମହାରାଷ୍ଟ୍ର ବିଧାନସଭାର ଆଜିଠାରୁ ଏକ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେଉଛି । ଏହି ଅଧିବେଶନ ସମୟରେ ବାଚସ୍ପତି ନିର୍ବାଚନ କରାଯିବା ସହିତ ନବନିର୍ବାଚିତ ବିଧାୟକମାନେ ଶପଥ ନେବେ । ମିଳିଥିବା ସୂଚନା ଅନୁଯାୟୀ ନବନିର୍ବାଚିତ ବିଧାୟକମାନେ ଆଜି ଓ ଆସନ୍ତାକାଲି ଶପଥ ନେବେ । ଆସନ୍ତା ସୋମବାର ଦିନ ବାଚସ୍ପତି ନିର୍ବାଚିତ ହେବା ପରେ ଦେବେନ୍ଦ୍ର ଫଡନାବିସଙ୍କ ନେତୃତ୍ୱାଧୀନ ମହାୟୁତି ସରକାର ଆସ୍ଥା ଭୋଟ୍ ଲୋଡ଼ିବେ । ବିଧାନସଭାର ଶୀତକାଳୀନ

ଅଧିବେଶନ ନାଗପୁରଠାରେ ଆସନ୍ତା ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ହକି

ଜୁନିଅର ମହିଳା ହକି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଓମାନ୍‌ର ମସ୍କାଟ୍ ଠାରେ ଆରମ୍ଭ ହେଉଛି । ଏହି ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେବେ । ଏଫ୍‌ଆଇଏଚ୍ ଜୁନିଅର ବିଶ୍ୱକପ୍ ୨୦୨୫ ଲାଗି ଏହା ହେଉଛି ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା । ପୁଲ୍-ଏ ରେ ଭାରତ ସମେତ ଚୀନ୍, ମ୍ୟାଲେସିଆ, ଥାଇଲ୍ୟାଣ୍ଡ ଓ ବାଂଲାଦେଶ ରହିଥିବା ବେଳେ ପୁଲ୍-ବି ରେ ଦକ୍ଷିଣକୋରିଆ, ଜାପାନ, ହଂକଂ, ଶ୍ରୀଲଙ୍କା ଓ ତାଇପେଇ ସ୍ଥାନ ପାଇଛନ୍ତି । ଜ୍ୟୋତି ସିଂଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଉଛି । ଆସନ୍ତାକାଲି ଭାରତ ଏହାର ପ୍ରଥମ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବ । ଆସନ୍ତା ୧୫ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଟୁର୍ଣ୍ଣାମେଣ୍ଟର ଶୀର୍ଷ ୫ଟି ଦଳ ଆସନ୍ତାବର୍ଷର ବିଶ୍ୱକପ୍ ଲାଗି ଯୋଗ୍ୟ ବିବେଚିତ ହେବେ ।

# କ୍ରିକେଟ୍-ଟେଷ୍ଟ

ଆଡିଲେଡ୍‌ର ଓଭାଲ ଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନର ସ୍କୋର ୧ ୱିକେଟ୍‌ରେ ୮୬ ରନ୍‌ରୁ ଅଷ୍ଟ୍ରେଲିଆ ଆଜି ତା'ର ବ୍ୟାଟିଂ ଆରମ୍ଭ କରିବ । ଏହି ମ୍ୟାଚ୍ ଭାରତୀୟ

ସମୟ ସକାଳ ସାଢ଼େ ୯ଟାରୁ ଆରମ୍ଭ ହେବ । ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ମାକ୍‌ସୁଇନେ ୩୮ ଏବଂ ମାର୍ନସ ୨୦ରନ୍ କରି କ୍ରିଜ୍‌ରେ ଥିଲେ । ଭାରତର ପ୍ରଥମ ଇନିଂସର ୧୮୦ରନ୍‌ର ଜବାବରେ ଅଷ୍ଟ୍ରେଲିଆ ୯୪ରନ୍ ପଛରେ ରହିଛି ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ୍ ୬ ଓ୍ୱିକେଟ୍ ହାସଲ କରି ଭାରତକୁ ୧୮୦ରନ୍‌ରେ ଅଲ୍‌ଆଉଟ୍ କରିବାକୁ ସକ୍ଷମ ହୋଇଥିଲେ । ଭାରତର ନୀତିଶ କୁମାର ରେଡ୍ଡୀ ସର୍ବାଧିକ ୪୨ରନ୍ କରିଥିଲେ । ତେବେ ପର୍ଥ ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୯୫ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

## ଅଣ୍ଡର ନାଇଣ୍ଟିନ୍ ଏସିଆକପ୍

୧୯ ବର୍ଷରୁ କମ୍ ପୁରୁଷ ଏସିଆକପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଆସନ୍ତାକାଲି ଭାରତ ଓ ବାଂଲାଦେଶ ମଧ୍ୟରେ ଦୁବାଇଠାରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲି ସାରଜା ଠାରେ ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭାରତ ୭ ଓ୍ୱିକେଟ୍ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।

ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୭୩ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ମାତ୍ର ୨୧ ଓଭର ୪ଟି ବଲ୍‌ରେ ୧୭୫ରନ୍ କରି ବିଜୟ ହାସଲ କରିଛି ।

ଦୁବାଇ ଠାରେ ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶ ପାକିସ୍ତାନକୁ ୭ ଓ୍ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲା ।